# ଜାମୁଣ୍ଡା ଜଙ୍ଗଲ ସୁରକ୍ଷା ପାଇଁ
# ମାନବ ଶୃଙ୍ଖଳ ଅଭିଯାନ ଓ ଜନସମାବେଶ
## ସ୍ଥାନ - ଜାମୁଣ୍ଡା, ଅନୁଗୁଳ
## ତାରିଖ – ୫ ଜାନୁୟାରୀ ୨୦୧୧
## ଆୟୋଜକ – ଜିନ୍ଦଲ ଆଂଚଳିକ କ୍ଷତିଗ୍ରସ୍ତ ପ୍ରଜା ସଂଘ

**ପୃଷ୍ଠଭୂମି:**

ବାର୍ଷିକ ୬ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ (6MTPA) ପାଇଁ ଏକ ସମନ୍ୱିତ ଇସ୍ପାତ କାରଖାନା ଓ ଏକ ହଜାର ମେଗାଓ୍ୱାଟ ବିଶିଷ୍ଟ ସ୍ୱପରିଚାଳିତ ଶକ୍ତି ଉତ୍ପାଦନ କାରଖାନା (1000 Mw Captive Power Plant) ଅନୁଗୁଳ ଜିଲ୍ଲାର କେରେଜାଙ୍ଗ ଠାରେ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ଲିମିଟେଡ କମ୍ପାନୀ ଦ୍ୱାରା ପ୍ରତିଷ୍ଠା ପାଇଁ ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରାଳୟ ଠାରୁ ୨୨ଫେବୃୟାରି ୨୦୦୭ ରେ ଚିଠି ସଂଖ୍ୟା J – 11011/ 365/ 2006 –1A 11(I) ମାଧ୍ୟମରେ ପରିବେଶ ମଂଜୁରି ମିଳିଥିଲା ।ଏହି ମଂଜୁରି ପତ୍ରରେ ଏହି ସର୍ତ୍ତ ସୂଚିତ ହୋଇଥିଲା ଯେ, ଜଙ୍ଗଲ ସଂରକ୍ଷଣ ଆଇନ୍ ୧୯୮୦ ଅଧୀନରେ ମୋଟ ୧୬୮.୨୩୨ ହେକ୍ଟର ଜଙ୍ଗଲ ଜମିକୁ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ବିଧିବଦ୍ଧ ଅନୁମୋଦନ ନ ମିଳିବା ଯାଏ କୌଣସି ନିର୍ମାଣ କାର୍ଯ୍ୟ କରାଯିବ ନାହିଁ । କିନ୍ତୁ ପ୍ରକଳ୍ପ କର୍ତ୍ତୃପକ୍ଷ ଉକ୍ତ ସର୍ତ୍ତକୁ ଉଲଘଂନ କରି ସଂପୃକ୍ତ ଇଲାକାରେ ପ୍ରକଳ୍ପ ପାଇଁ ବିଭିନ୍ନ ନିର୍ମାଣ କାର୍ଯ୍ୟ ଜାରି ରଖିଲେ ।

ତେଣୁ ୨୨ ନଭେମ୍ବର ୨୦୧୦ ରେ ପ୍ରଥମେ ଉକ୍ତ ମନ୍ତ୍ରଣାଳୟ ତରଫରୁ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ନିକଟକୁ ଏକ ଚେତାବନୀ ପତ୍ର ଆସିଲା ଓ ଏଥିରେ କୁହା ଯାଇଥିଲା ଯେ, ୧୫ ଦିନ ଭିତରେ ଉପଯୁକ୍ତ କୈଫିୟତ୍ ନ ମିଳିଲେ ପ୍ରକଳ୍ପକୁ ଦିଆଯାଇଥିବା ପରିବେଶ ମଂଜୁରି ପ୍ରତ୍ୟାହାର କରି ନିଆଯିବ । କିନ୍ତୁ ଜିନ୍ଦଲ କମ୍ପାନୀ ୭ ଡିସେମ୍ବର ୨୦୧୦ରେ ଲେଖିଥିବା ନିଜର ଉତ୍ତରରେ ଜଣାଇଲେ ଯେ, ତାଙ୍କର କର୍ମଚାରୀ ସମସ୍ୟା ଯୋଗୁଁ ସେ ଆଉ ଏକମାସ ସମୟ ଉକ୍ତ କୈଫିୟତ ପାଇଁ ଲୋଡୁଛନ୍ତି । କିନ୍ତୁ ମନ୍ତ୍ରଣାଳୟ ସ୍ଥିର କଲେ ଯେ, ଜିନ୍ଦଲ କମ୍ପାନୀ ୨୨.୧୨.୨୦୧୦ ସୁଦ୍ଧା ନିଜର କୈଫିୟତ ଦାଖଲ କରିବେ ଓ ୨୯.୧୨.୨୦୧୦ ଅପରାହ୍ନ ୩ଟା ରେ କମ୍ପାନୀର ପ୍ରତିନିଧିଙ୍କ ବ୍ୟକ୍ତିଗତ ଉପସ୍ଥିତିରେ ମାମଲାର ଶୁଣାଣି କରାଯିବ ।

ଗୋଟିଏ ପଟରେ କମ୍ପାନୀ ଓ ସରକାରଙ୍କ ମଧ୍ୟରେ ଏଭଳି ବିବାଦ ଚାଲୁଥିବା ସମୟରେ ଅନ୍ୟ ପଟରେ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ କମ୍ପାନୀର ମନମୁଖୀ କାର୍ଯ୍ୟକଳାପକୁ ନେଇ ବ୍ୟାପକ ଅସନ୍ତୋଷ ସୃଷ୍ଟି ହୋଇଥିବାର ଲକ୍ଷ୍ୟ କରାଗଲା । ପ୍ରଥମତଃ ଜମି ହରାଇଥିବା ସମସ୍ତ ଚାଷୀଙ୍କୁ କ୍ଷତିପୂରଣ ମିଳିପାରିନାହିଁ । ଯେଉଁ ମାନଙ୍କୁ କ୍ଷତି ପୂରଣ ମିଳିଛି ଏକର ୫ଲକ୍ଷ ଟଙ୍କା ହିସାବରେ ସେମାନେ ଏହି ଅର୍ଥରାଶିକୁ ସ୍ୱଳ୍ପ ବୋଲି ମନେକରିଛନ୍ତି । ତୃତୀୟତଃ ଜମି ହରାଇଥିବା ପ୍ରତି ପରିବାରର ଅନ୍ତତଃ ଜଣେ ସାବାଳକ ବ୍ୟକ୍ତିକୁ ତାଙ୍କର ଯୋଗ୍ୟତା ଅନୁଯାୟୀ ଚାକିରି ମିଳିବ ବୋଲି କମ୍ପାନୀ ଓ ପ୍ରଶାସନ ତରଫରୁ ଯେଉଁ ପ୍ରତିଶୃତି ଦିଆଯାଇଥିଲା ତାହା ପାଣିରଗାରରେ ପରିଣତ ହୋଇଛି । ଚତୁର୍ଥତଃ କମ୍ପାନୀ ତରଫରୁ ହସ୍ପିଟାଲ୍, ଆଲୋକ ବ୍ୟବସ୍ଥା ଓ ପାନୀୟ ଜଳ ଇତ୍ୟାଦି ସାର୍ବଜନୀନ ସୁବିଧାସୁଯୋଗ ସୃଷ୍ଟିକରିବାର ପ୍ରତିଶୃତି ମଧ୍ୟ କେବଳ ବାଚନିକ ସ୍ତରରେ ଅଟକି ଯାଇଛି ।

ପଂଚମତଃ କମ୍ପାନୀ ସ୍ଥାନୀୟ ଇଲାକାରେ ଜଳାଶୟ ଓ ଜଙ୍ଗଲ ଗୁଡିକ ଭଳି ସମୂହ ସଂପଦକୁ ଅକ୍ତିଆର କରିବା ସହିତ ଜାମୁଣ୍ଡା ଜଙ୍ଗଲକୁ ଧ୍ୱଂସ କରି ସେଠାରେ କାରଖାନା ପ୍ରତିଷ୍ଠା ପାଇଁ ନାନାଦି ପ୍ରକାର କୂଟକପଟର ଆଶ୍ରୟ ନେଇଚାଲିଛି । କିନ୍ତୁ ଏହି ଜାମୁଣ୍ଡା ଜଙ୍ଗଲ ଉପରେ ସାନକେରେଜାଙ୍ଗ ଗ୍ରାମ ପଂଚାୟତ ଅଧିନସ୍ଥ ଗ୍ରାମ ଗୁଡିକ ଯଥା, ସଦାନନ୍ଦପୁର, ଜାମୁଣ୍ଡା, ଜାମୁଣ୍ଡା ଜଙ୍ଗଲ, ଦୁଧିଆବେଡା, ଜରଡା ଓ ବଡକେରେଜାଙ୍ଗର ବାସିନ୍ଦାମାନେ ଲଘୁ ବନଜାତ ସାମଗ୍ରୀ, ଔଷଧୀୟ ବୃକ୍ଷ ଓ ଜାଳେଣି କାଠ ଇତ୍ୟାଦି

ବିଭିନ୍ନ ଅତ୍ୟାବଶ୍ୟକ ପ୍ରୟୋଜନ ପାଇଁ ନିର୍ଭର କରିଥାନ୍ତି ଓ ସେମାନଙ୍କର ଜୀବନଜୀବିକା ଏହି ଜାମୁଣ୍ଡା ଜଙ୍ଗଲ ସହିତ ଓତପ୍ରୋତ ଭାବେ ଜଡିତ ରହିଆସିଅଛି । ଏହି ଜଙ୍ଗଲକୁ କମ୍ପାନୀ ନିଜର ପ୍ରକଳ୍ପ ପାଇଁ ସଂପୂର୍ଣ୍ଣ ଭାବେ ଅକ୍ତିଆର କରିବା ଉଦ୍ଦେଶ୍ୟରେ ପ୍ରଥମେ ନିଜର ଉଡାଟିଆ ଲୋକମାନଙ୍କ ଦ୍ୱାରା ବଡ ବଡ ମୂଲ୍ୟବାନ ଗଛ କାଟି ନେଇଛି, ଯାହାଫଳରେ କି ଏହି ଜଙ୍ଗଲ ବର୍ତ୍ତମାନ ଶ୍ରୀହିନ ହୋଇପଡିଛି । ବହୁ ବର୍ଷ ଧରି ଲୋକମାନଙ୍କ ନିରବିଚ୍ଛିନ୍ନ ଉଦ୍ୟମ ଓ ଜଗାରଖା ଫଳରେ ଗଢି ଉଠିଥିବା ଏହି ଜାମୁଣ୍ଡା ଜଙ୍ଗଲ ବର୍ତ୍ତମାନ ସେମାନଙ୍କ ହାତଛଡା ହୋଇଯିବାର ଆଶଙ୍କା ଦେଖାଦେଇଥିବାରୁ ଧନୀ, ଗରିବ ନିର୍ବିଶେଷରେ ସ୍ଥାନୀୟ ଗ୍ରାମଗୁଡିକର ସବୁଲୋକ ଜାମୁଣ୍ଡା ଜଙ୍ଗଲ ସୁରକ୍ଷା ପାଇଁ ଅଣ୍ଟା ଭିଡିଛନ୍ତି । ଏହା ହିଁ ହେଉଛି ୫ ଜାନୁୟାରୀ ୨୦୧୦ରେ ଜାମୁଣ୍ଡା ଠାରେ ଅନୁଷ୍ଠିତ ମାନବଶୃଙ୍ଖଳ ଓ ବିଶାଳ ଜନସମାବେଶର ସଂକ୍ଷିପ୍ତ ପୃଷ୍ଠଭୂମି ।

**ମାନବ ଶୃଙ୍ଖଳ**

ସକାଳ ୧୦ଟାରୁ ଆବାଳ ବୃଦ୍ଧବନିତା ଗ୍ରାମବାସୀମାନେ ଏକଜୁଟ ହୋଇ ଜାମୁଣ୍ଡା ଜଙ୍ଗଲରେ ପହଂଚି ସେମାନଙ୍କର ପ୍ରତିରୋଧର ପ୍ରତୀକ ରୂପେ ଗଛଗୁଡିକ କୁଣ୍ଢେଇ ଧରିଥିଲେ ଓ ତତ୍‌ପରେ ଏକଜୁଟ୍ ହୋଇ ଜାମୁଣ୍ଡା ଜଙ୍ଗଲରେ ପରସ୍ପର ହାତଧରି ଜାମୁଣ୍ଡା ଜଙ୍ଗଲକୁ କୌଣସି ମତେ କମ୍ପାନୀ ହାତକୁ ଟେକି ଦିଆ ଯିବନାହିଁ ବୋଲି ବିଭିନ୍ନ ଧ୍ୱନି ଦେଇଥିଲେ । ଏହି ସମୟରେ ସେଠାରେ ଅନୁଗୁଳ ଜିଲ୍ଲାର ବହୁ ଓକିଲ, ଗଣମାଧମର ପ୍ରତିନିଧି ଓ ସମାଜସେବୀ ଉପସ୍ଥିତ ରହି ନିଜର ସମର୍ଥନ ଜ୍ଞାପନ କରିଥିଲେ । ଏହାପରେ ନିକଟସ୍ଥ ଯୋଗେଶ୍ୱର ଋଷି ଆଶ୍ରମ ପରିସରରେ ଏକ ବିଶାଳ ଜନସଭାରେ ଯୋଗ ଦେବା ପାଇଁ ଲୋକମାନେ ସେଠାକୁ ଧାଡିବାନ୍ଧି ଯାତ୍ରା କରିଥିଲେ ।

**ଜନସଭା**

ଏକ ବିଶାଳ ଜନସଭା ଦିବା ୧୨ଘଟିକାରେ ଆରମ୍ଭ ହୋଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲୁରହିଥିଲା । ଏହି ଜନସଭାର ସଂକଳ୍ପ ଥିଲା ଜାମୁଣ୍ଡା ଜଙ୍ଗଲ ଭଳି  କୋଠସମ୍ପତ୍ତିକୁ କମ୍ପାନୀ ଅକ୍ତିଆରରୁ ମୁକ୍ତ ରଖିବା ପାଇଁ ଗ୍ରାମବାସୀ ମାନଙ୍କର ସମବେତ ପ୍ରଚେଷ୍ଟା ଅବ୍ୟାହତ ରହିବ । ଅନୁଗୁଳର ବିଶିଷ୍ଟ ଆଇନ୍‌ଜୀବି ଜିନ୍ଦଲ ଆଂଚଳିକ କ୍ଷତିଗ୍ରସ୍ତ ପ୍ରଜାସଂଘର ଆବାହକ ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ପଟ୍ଟନାୟକ ଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଶ୍ରୀ ପଟ୍ଟନାୟକ ତାଙ୍କର ପ୍ରାରମ୍ଭିକ ସୂଚନାରେ ଦର୍ଶାଇଥିଲେ ଯେ, ଜିନ୍ଦଲ୍ କମ୍ପାନୀ ସ୍ଥାନୀୟ ଗ୍ରାମବାସୀ ମାନଙ୍କର ବ୍ୟାପକ ପରିମାଣର ଜମି ସହିତ ବହୁ ଜଙ୍ଗଲ ଜମି ଓ ସର୍ବସାଧାରଣ ବା କୋଠସମ୍ପତ୍ତିକୁ ଅକ୍ତିଆର କରିସାରିଛି । ଜମି ହରାଇଥିବା ଚାଷୀମାନଙ୍କୁ ଯେଉଁ କ୍ଷତିପୂରଣ ମିଳିଛି ତାହା ଅତ୍ୟନ୍ତ ସ୍ୱଳ୍ପ; କୌଣସି ଜଳାଶୟ ଓ ଗ୍ରାମ ଜଙ୍ଗଲ ଭଳି କୋଠସମ୍ପତ୍ତିର ଅଧିଗ୍ରହଣ ବାବଦରେ କୌଣସି କ୍ଷତିପୂରଣ ବା ବିକଳ୍ପ ବ୍ୟବସ୍ଥା କମ୍ପାନୀ ତରଫରୁ କରାଯାଇନାହିଁ । ଏହାଛଡା ଏହି ଅଂଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ କମ୍ପାନୀ ଦେଇଥିବା ପ୍ରତିଶ୍ରୁତି ଯଥା ମେଡିକାଲ କଲେଜ ପ୍ରତିଷ୍ଠା, ବିଜୁଳି ଯୋଗାଣ, ସମସ୍ତ ସାବାଳକ ବ୍ୟକ୍ତି ମାନଙ୍କୁ ଉପଯୁକ୍ତ ନିଯୁକ୍ତି ପ୍ରଦାନ ତଥା ପାନୀୟଜଳର ସୁବିଧା ଇତ୍ୟାଦି ମଧ୍ୟରୁ କୌଣସି ଗୋଟିଏ ବି ପୂରଣ ହୋଇ ପାରିନାହିଁ । ଅନ୍ୟ ପକ୍ଷରେ ସ୍ଥାନୀୟ ଲୋକମାନଙ୍କ ନିରବଚ୍ଛିନ୍ନ ପ୍ରୟାସ ଫଳରେ ବିକଶିତ ଓ ସୁରକ୍ଷିତ ରହି ଆସିଥିବା ଜାମୁଣ୍ଡା ଜଙ୍ଗଲ ଯାହାକି ଲୋକମାନଙ୍କ ଜୀବନ ଓ ଜୀବିକାର ଏକ ସ୍ଥାୟୀ ଓ ନିର୍ଭରଯୋଗ୍ୟ ଉତ୍ସ, ତାହାକୁ କମ୍ପାନୀ ପୁରାପୁରି ଧ୍ୱଂସ କରିବାକୁ ଚେଷ୍ଟା କରିଥିବାରୁ ବ୍ୟାପକ ଜନ ଅସନ୍ତୋଷ ଦେଖାଦେଇଛି । ତେଣୁ ଜାମୁଣ୍ଡା ଜଙ୍ଗଲ ଭଳି କୋଠସମ୍ପତ୍ତିର ସୁରକ୍ଷା ପାଇଁ ଏକ ଐକ୍ୟବଦ୍ଧ ଗଣ ଅଭିଯାନ ଆରମ୍ଭ କରିବାପାଇଁ ସଂକଳ୍ପ ଗ୍ରହଣ ସକାଶେ ଆଜିକାର କାର୍ଯ୍ୟକ୍ରମ ଅଭିପ୍ରେତ ।

**ଶ୍ରୀଯୁକ୍ତ ଶ୍ରୀବତ୍ସ ପ୍ରଧାନ-** ଜଣେ ସ୍ଥାନୀୟ ଅଧିବାସୀ ଭାବେ ନିଜର ବକ୍ତବ୍ୟ ପ୍ରଦାନ କରି ସେ କହିଥିଲେ ଯେ, ସରକାରୀ ପ୍ରସାଶନ ଆଇନ୍ ବଳରେ ଲୋକମାନଙ୍କ ଠାରୁ କମ୍ପାନୀ ପାଇଁ ଜମି ଅଧିଗ୍ରହଣ କରୁଛି ଅଥଚ ନିଜେ ପ୍ରତିଶ୍ରୁତି ଗୁଡିକୁ ପାଳନ ନ କରି କମ୍ପାନୀ ସବୁ କରିଦେବ ବୋଲି କହିଚାଲିଛି । କିନ୍ତୁ ଲୋକେ କମ୍ପାନୀକୁ ପ୍ରଶ୍ନ କରିବା ବା ଏପରିକି କମ୍ପାନୀ ନିକଟରେ ପହଂଚିବା ପାଇଁ କୌଣସି ଉପାୟ ନାହିଁ । ସୁତରାଂ ଗ୍ରାମବାସୀମାନେ ଏକ ହୋଇ ବର୍ତ୍ତମାନ ସରକାର ଓ ପ୍ରଶାସନ ଉପରେ ନିଜର ଆନ୍ଦୋଳନ ଜରିଆରେ ଚାପ ପକାଇବା ହେଉଛି ଏକମାତ୍ର ବିକଳ୍ପ ମାର୍ଗ ।

**ଶ୍ରୀଯୁକ୍ତ ପ୍ରତାପ ପ୍ରଧାନ-** ଜଣେ ସ୍ଥାନୀୟ ବାସିନ୍ଦା ରୂପେ ସେ ନିଜର ତିକ୍ତ ଅନୁଭୂତି ବର୍ଣ୍ଣନା କରି କହିଲେ ଯେ, କମ୍ପାନୀର ଅଫିସ୍ ଭିତରକୁ ପ୍ରବେଶ କରିବା ଏକ ଦୁଃସାଧ୍ୟ ବ୍ୟାପାର, ତାଙ୍କୁ ପ୍ରଶ୍ନ କରିବା ବା ସେମାନଙ୍କ ଠାରୁ ଉତ୍ତର ପାଇବା ଅସମ୍ଭବ ।

**ଶ୍ରୀମତୀ ସସ୍ମିତା ବେହେରା-** ପୂର୍ବତନ ଅନୁଗୁଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ନାଗରିକ କ୍ରିୟାନୁଷ୍ଠାନ ମଂଚର ସଦସ୍ୟା ଶ୍ରୀମତୀ ବେହେରା କହିଲେ ଯେ, ପ୍ରକୃତି ଓ ପରିବେଶର ଧାରଣ କ୍ଷମତାକୁ ଉପେକ୍ଷା କରି ଘରୋଇ କମ୍ପାନୀମାନେ ସରକାରଙ୍କ ସହାୟତାରେ ମନମୁଖୀ ଭାବେ ଉଭୟ ବ୍ୟକ୍ତିଗତ ଓ ସର୍ବସାଧାରଣ ସମ୍ପତ୍ତିକୁ ଅକ୍ତିଆର କରିବା ଫଳରେ ବର୍ତ୍ତମାନ ଅନୁଗୁଳ ଅଂଚଳ ଦେଶର ପରିବେଶ ପ୍ରଦୂଷଣ ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି । ଶ୍ରୀମତୀ ବେହେରା ରାଇଝରଣ ଠାରେ ଜିନ୍ଦଲ କମ୍ପାନୀ ବିରୋଧରେ ରାସ୍ତା ଅବରୋଧ କରିଥିବା ମହିଳାମାନଙ୍କ ଅଭିଯାନକୁ ସମର୍ଥନ ଜ୍ଞାପନ କରିଥିଲେ ଓ ଜାମୁଣ୍ଡା ଜଙ୍ଗଲ ସୁରକ୍ଷା ଅଭିଯାନରେ ମହିଳାମାନେ ତଦ୍ରୁପ ଅଗ୍ରଣୀ ଭୂମିକା ଗ୍ରହଣ ପାଇଁ ଆହ୍ୱାନ ଦେଇଥିଲେ ।

**ଶ୍ରୀଯୁକ୍ତ ବାସୁ ନାଏକ** – ଜମି ହରାଇଥିବା ଜଣେ ସ୍ଥାନୀୟ ଚାଷୀ ଶ୍ରୀ ନାୟକ ନିଜର କ୍ଷୋଭ ପ୍ରକାଶ କରି କହିଲେ ଯେ ବର୍ତ୍ତମାନ କମ୍ପାନୀ ଅଫିସ୍‌ରେ ଯେତେ ଜଣ କର୍ମଚାରୀ ଅଛନ୍ତି, ସମସ୍ତେ ହିନ୍ଦୀ କହୁଛନ୍ତ. ଅର୍ଥାତ୍ କମ୍ପାନୀ ସ୍ଥାନୀୟ ଲୋକମାନଙ୍କୁ ନିଯୁକ୍ତି ଦେବାର ପ୍ରତିଶୃତିକୁ ଉଲ୍ଲଂଘନ କରି କେବଳ ବାହାର ଲୋକମାନଙ୍କୁ ନିଯୁକ୍ତି ଦେଇଚାଲିଛି ।

**ଶ୍ରୀମତୀ କ୍ରିଷ୍ଣା ମହାନ୍ତି-** ବିଶିଷ୍ଟ ସର୍ବୋଦୟ ଅନୁଗାମୀ ତଥା ବାଜିରାଉତ ଛାତ୍ରାବାସର ପରିଚାଳିକା ଶ୍ରୀମତୀ ମହାନ୍ତି କହିଲେ ଯେ, ଆଜିକାର ବିଶାଳ ମାନବ ଶୃଙ୍ଖଳ ଦେଖି ସେ ନିଜେ ଗଭୀର ଭାବେ ଅଭିଭୂତ ହୋଇପଡିଛନ୍ତି ଏବଂ ବର୍ତ୍ତମାନର ଜଟିଳ ସମସ୍ୟାଗୁଡିକୁ ମୁକାବିଲା ପାଇଁ ଏହାହିଁ ହେଉଛି ଏକ ନୂଆ ଏବଂ ଉପଯୁକ୍ତ ମାର୍ଗ । ସେ ଏହି ଆନ୍ଦୋଳନର ସଫଳତା କାମନା କରିଥିଲେ ।

**ଶ୍ରୀ ସଂସାର ପ୍ରଧାନ** - ଜଣେ ସ୍ଥାନୀୟ କ୍ଷତିଗ୍ରସ୍ତ ଚାଷୀ ଭାବେ ସେ ପ୍ରସ୍ତାବ ଦେଲେ ଯେ, ସ୍ଥାନୀୟ ଲୋକମାନଙ୍କର ନ୍ୟାଯ୍ୟ ଦାବୀ ପୂରଣ ନ ହେବା ଯାଏ ତଥା ଜନ ଅସନ୍ତୋଷର ସ୍ଥାୟୀ ସମାଧାନ ନ ହେବାଯାଏ ଲୋକମାନେ କମ୍ପାନୀ କାର୍ଯ୍ୟକୁ ଆଉ ଆଗେଇବା ପାଇଁ ପ୍ରଶୟ ଦେବେ ନାହିଁ । ରାଇଝରଣର ମହିଳା ଆନ୍ଦୋଳନ ଭଳି ଏଠାରେ ମଧ୍ୟ ଜନ ଆନ୍ଦୋଳନ ଆରମ୍ଭ କରିବାକୁ ପଡିବ ।

**ଶ୍ରୀଯୁକ୍ତ ଚିତ୍ତ ବେହେରା** –ରାଜ୍ୟର ଜଣେ ବିଶିଷ୍ଟ ସମାଜବିଜ୍ଞାନୀ ଶ୍ରୀ ବେହେରା ଜାମୁଣ୍ଡା ଜଙ୍ଗଲ ବଂଚାଅ ଆନ୍ଦୋଳନ ପ୍ରତି ନିଜର ଅକୁଣ୍ଠ ସମର୍ଥନ ପ୍ରକାଶ କରିବା ସହିତ କୋଠସମ୍ପତ୍ତି ଅଧିଗ୍ରହଣ ବାବଦକୁ ସରକାର କିମ୍ବା ପ୍ରଶାସନ କୌଣସି କ୍ଷତିଭରଣୀ କରିନଥିବା ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ଓଡିଶା ପୁନର୍ବାସ ଓ ପୁନଃସଂସ୍ଥାନ ନୀତି ୨୦୦୬ ଏକ ପ୍ରବଞ୍ଚନାପୂର୍ଣ୍ଣ ଦଲିଲ୍ ହୋଇଥିବାରୁ ଏହାକୁ ଆଧାର କରି ବିସ୍ଥାପିତ ଲୋକମାନଙ୍କର କୌଣସି ନ୍ୟାଯ୍ୟ ଦାବୀ ପୂରଣ ହୋଇପାରିବ ନାହିଁ ବୋଲି ସେ ନିଜର ମତ ବାଢିଥିଲେ । ଯେପରି ଏରସମାରେ ପୋସ୍କୋ ଓ ପୁରୀରେ ବେଦାନ୍ତ କମ୍ପାନୀ ଲଗାତାର ସୁଦୃଢ ଜନପ୍ରତିରୋଧ ଫଳରେ ପଛଘୁଂଚା ଦେବାପାଇଁ ବାଧ୍ୟ ହୋଇଛନ୍ତି, ସେହିପରି ଜାମୁଣ୍ଡା ଜଙ୍ଗଲ ସୁରକ୍ଷା ଆନ୍ଦୋଳନକୁ ବ୍ୟାପକ ଜନାଧାର ଦିଆଯାଇ ପାରିଲେ ତାହା ମଧ୍ୟ ନିଶ୍ଚିତ ସଫଳ ହୋଇ ପାରିବ ବୋଲି ଶ୍ରୀ ବେହେରା ଆଶା ପ୍ରକାଶ କରିଥିଲେ ।

**ଶ୍ରୀଯୁକ୍ତ ପ୍ରଦୀପ ପଣ୍ଡା-** ଆଡ୍‌ଭୋକେଟ୍ ଶ୍ରୀ ପଣ୍ଡା କହିଥିଲେ ଯେ, ଯେଉଁ ବିସ୍ଥାପିତ ଗ୍ରାମବାସୀମାନଙ୍କୁ ଅନ୍ୟତ୍ର ଘରଡିହ ଯୋଗାଇ ଦିଆଯାଇଛି ସେମାନଙ୍କୁ ଏପର୍ଯ୍ୟନ୍ତ ତହିଁର ପଟ୍ଟା ମିଳିନାହିଁ । ଏଠାକାର ଜମିର ପ୍ରକୃତ ମୂଲ୍ୟ ଏକର ପିଛା ୨୫ ଲକ୍ଷ ଟଙ୍କା ହୋଇଥିବା ବେଳେ ସରକାର ମାତ୍ର ୫ଲକ୍ଷ ଟଙ୍କା ଦେଇଛନ୍ତି । ଏହି ପରିସ୍ଥିତିରେ ବର୍ତ୍ତମାନର ଜନ ଆନ୍ଦୋଳନକୁ ବଜାୟ ରଖିବା ବ୍ୟତୀତ ଅନ୍ୟ ରାସ୍ତା ନାହିଁ ।

**ଶ୍ରୀଯୁକ୍ତ ତପନ ପାଢୀ** - ଅତୀତରେ ୯୦ ଦଶନ୍ଧିରେ ଅନୁଗୁଳ ଅଂଚଳରେ ଖଣି ଓ ଶିଳ୍ପ ଜନିତ ପ୍ରଦୂଷଣ ଉପରେ ଅଧ୍ୟୟନ କରିଥିବା ଶ୍ରୀ ପାଢୀ କହିଲେ ଯେ ଭୂତଳ ଜଳ ସଂପଦ କ୍ଷେତ୍ରରେ ସଂକଟାପନ୍ନ ଅନୁଗୁଳ ଅଂଚଳ ବର୍ତ୍ତମାନ କମ୍ପାନୀ ମାନଙ୍କର ମନମୁଖୀ ଶିଳ୍ପ ବିସ୍ତାର ଓ ସେଥିପାଇଁ ଆବଶ୍ୟକ ପଡୁଥିବା ପାଣିର ପ୍ରୟୋଜନକୁ ମେଣ୍ଟାଇବା ପାଇଁ ଭୂତଳ ଜଳ ସଂପଦକୁ ସେମାନେ କ୍ରମାଗତ ଓ ବର୍ଦ୍ଧିଷ୍ଣୁ ଭାବେ ଶୋଷଣ କରିବା ଫଳରେ ପରିସ୍ଥିତି ଅଧିକ ଗମ୍ଭୀର ହୋଇପଡିଛି । ସମଲ୍ ବ୍ୟାରେଜ୍ ମୂଳତଃ ଚାଷ ଜମିକୁ ଜଳସେଚନ ପାଇଁ ନିର୍ମିତ ହୋଇଥିଲେ ହେଁ ତାହା ବର୍ତମାନ ଶିଳ୍ପସଂସ୍ଥା ମାନଙ୍କୁ ପାଣି ଯୋଗାଇବା ପାଇଁ ନିୟୋଜିତ ହୋଇଛି । ବିଶେଷ କରି ବିଜୁଳି

ଉତ୍ପାଦନ କାରଖାନାଗୁଡିକରୁ ନିର୍ଗତ ବର୍ଜ୍ୟ ପାଉଁଶର ପରିଶୋଧନ ପାଇଁ ବ୍ୟାପକ ପରିମାଣର ଜଳ ଆବଶ୍ୟକ ପଡିଥାଏ ।ଏଥିପାଇଁ ବ୍ରାହ୍ମଣୀ ନଦୀରୁ ଏହି କାରଖାନା ଗୁଡିକ ପାଣି ଶୋଷଣ କରିଚାଲିଛନ୍ତି । ସର୍ବୋପରି ସମସ୍ତ ଶିଳ୍ପ ସଂସ୍ଥାର ବର୍ଜ୍ୟବସ୍ତୁ ବ୍ରାହ୍ମଣୀ ନଦୀରେ ମିଶି ଏହାକୁ ପ୍ରଦୂଷିତ କରିସାରିଲାଣି । ସୁତରାଂ ଅନୁଗୁଳ ଜିଲ୍ଲାରେ ଆଉ କୌଣସି କଳକାରଖାନା ପ୍ରତିଷ୍ଠା ପାଇଁ ଅନୁମତି ଦିଆଯିବା ଆଦୌ ଉଚିତ୍ ନୁହେଁ । ଶ୍ରୀ ପାଢୀ ପୁଣି ପରାମର୍ଶ ଦେଇଥିଲେ ଯେ ସୂଚନା ଅଧିକାର ଆଇନ୍ ପ୍ରୟୋଗ କରି ଅନୁଗୁଳ ଜିଲ୍ଲାରେ ଉଭୟ ଭୂପୃଷ୍ଠ ଓ ଭୂତଳ ଜଳ ସଂପଦର କିଭଳି ଅପ ବିନିଯୋଗ ଘଟିଚାଲିଛି ସେ ସମ୍ବନ୍ଧରେ ସମସ୍ତେ ଅବଗତି ହେବା ବାଂଛନୀୟ ।

**ଶ୍ରୀଯୁକ୍ତ ପ୍ରମୋଦ ପ୍ରଧାନ** - ସ୍ଥାନୀୟ ବାସୀନ୍ଦା ଶ୍ରୀ ପ୍ରଧାନ ମହାଭାରତର ଦ୍ରୌପଦୀ ବସ୍ତ୍ରହରଣର ଉଦାହରଣ ଦେଇ କହିଲେ ଯେ, ଆମ ଅଂଚଳରେ ଜିନ୍ଦଲ୍ କମ୍ପାନୀ ଦୁଃଶାସନର ଭୂମିକା ନେଇ ଆମ ଧରତ୍ରୀ ମା'ର ଇଜ୍ଜତ ଲୁଣ୍ଠନ କରି ଚାଲିଛି । ଆମର ଗ୍ରାମବାସୀମାନେ ଏହାର ଉପଯୁକ୍ତ ଜବାବ ଦେବେ ବୋଲି ସେ ଆଶାପ୍ରକାଶ କରିଥିଲେ ।

**ଶ୍ରୀମତୀ ସ୍ମିତାରାଣି ପଟ୍ଟନାୟକ** – ବିଶିଷ୍ଟ ସମାଜସେବୀ ଶ୍ରୀମତୀ ପଟ୍ଟନାୟକ ଜାମୁଣ୍ଡା ବଂଚାଅ ଜନ ଆନ୍ଦୋଳନକୁ ନିଜର ସଂପୂର୍ଣ୍ଣ ସମର୍ଥନ ପ୍ରଦାନ କରିବା ସହିତ କହିଥିଲେ ଯେ, ଅନୁଗୁଳ ଓ ତାଳଚେର ଅଞ୍ଚଳରେ କ୍ରମବର୍ଦ୍ଧିଷ୍ଣୁ ଶିଳ୍ପ ଓ ଖଣି କାର୍ଯ୍ୟର ପରିଣତି ସ୍ୱରୂପ ଏକ ଭୟାବହ ପରିସ୍ଥିତି ସୃଷ୍ଟି ହୋଇଛି । ବର୍ତ୍ତମାନ ଏହି ଅଂଚଳ ସାରାଦେଶରେ ଏକ ଅନ୍ୟତମ ପ୍ରଦୂଷଣ-ବହୁଳ ଇଲାକା ଭାବେ ପରିଚିତ ହୋଇସାରିଛି । ତାଳଚେରର ଡଅଁରା ପଂଚାୟତର କେତେକ ପରିବାର ଖଣିଜନିତ ବିସ୍ଥାପନରେ ଶିକାର ହୋଇ ଜାମୁଣ୍ଡା ଜଙ୍ଗଲ ଅଂଚଳରେ ୩୦ବର୍ଷତଳେ ବସତି ସ୍ଥାପନ କରିଥିଲେ । ଏବେ ନିକଟରେ ସେମାନେ ପୁଣି ଜିନ୍ଦଲ କମ୍ପାନୀ ଦ୍ୱାରା ଏଠାରୁ ବିସ୍ଥାପିତ ହେବାକୁ ଯାଉଛନ୍ତି । ତାଳଚେର ଅଂଚଳରେ ଖଣି ଜନିତ ବିସ୍ଥାପନ ଓ ପ୍ରଦୂଷଣ ସମସ୍ୟା ଫଳରେ କିପରି ସାଧାରଣ ଲୋକେ ଓ ବିଶେଷ କରି ଗରିବ, ଦଳିତ ଓ ମହିଳାମାନେ ଘୋର ଦୁର୍ଦ୍ଦଶା ଭିତରେ ଗତି କରୁଛନ୍ତି, ସେ ତହିଁର ସୂଚନା ଦେଇଥିଲେ ।ଏଥିରୁ ଶିକ୍ଷାଗ୍ରହଣ କରି ଅନୁଗୁଳ ଜିଲ୍ଲାରେ ଖଣି କିମ୍ବା ଶିଳ୍ପର ମନମୁଖୀ ବିସ୍ତାର ପାଇଁ ପ୍ରଶ୍ରୟ ଦିଆଯିବା ଉଚିତ୍ ନୁହେଁ ବୋଲି ସେ ଦର୍ଶାଇଥିଲେ ।

**ଶ୍ରୀଯୁକ୍ତ ବାଉରୀ ବନ୍ଧୁ ସାହୁ** - ନାଲକୋ ନଗରରେ ଅବସ୍ଥାନ କରୁଥିବା ଜଣେ ରାଜନୈତିକ କର୍ମୀ ଶ୍ରୀସାହୁ କହିଲେ ଯେ, ପ୍ରଦୂଷଣ ଜନିତ ରୋଗପ୍ରସାରର ମାତ୍ରା ଅନୁଗୁଳ ଅଂଚଳରେ ଏତେ ବଢିଯାଇଛି ଯେ କଟକର ଡାକ୍ତରଖାନା ଗୁଡିକରେ ଚିକିତ୍ସାଧୀନ ରୋଗୀ ମାନଙ୍କର ଶତକଡା ୧୫ଭାଗ ହେଉଛନ୍ତି କେବଳ ଅନୁଗୁଳ ଜିଲ୍ଲାର ଲୋକ । ସୁତରାଂ ଅନୁଗୁଳ ଜିଲ୍ଲାରେ ଆଉ ଅଧିକ ଶିଳ୍ପ ଓ ଖଣିର ପ୍ରସାର ପାଇଁ ଅନୁମତି ମିଳିବା ଉଚିତ୍ ନୁହେଁ ।

**ଶ୍ରୀଯୁକ୍ତ ମନୋହର ଚୌହାନ୍** - ଛତିଶଗଡରୁ ଆସିଥିବା ଜଙ୍ଗଲ ଅଧିକାର ଆଇନ୍‌ର ବିଶିଷ୍ଟ ପ୍ରବକ୍ତା ଶ୍ରୀଯୁକ୍ତ ଚୌହାନ୍ ଜାମୁଣ୍ଡା ଜଙ୍ଗଲ ସୁରକ୍ଷା ଜନ ଆନ୍ଦୋଳନକୁ ନିଜର ଆନ୍ତରିକ ସମର୍ଥନ ଜ୍ଞାପନ କରିବା ସହିତ ମତ ଦେଇଥିଲେ ଯେ, ଜଙ୍ଗଲ ଅଧିକାର ଆଇନ୍ ୨୦୦୬ ପ୍ରବର୍ତ୍ତୀତ ହେବା ପରେ ସରକାର କୌଣସି ଜଙ୍ଗଲ ଜମିକୁ ମନମୁଖୀ ଭାବେ ଶିଳ୍ପ ବା ଖଣି କାର୍ଯ୍ୟ ପାଇଁ ଅଧିଗ୍ରହଣ କରିବା ଆଇନ୍ ସଙ୍ଗତ ନୁହେଁ । ଉକ୍ତ ଆଇନ୍ ଲାଗୁ ହେବା ପରେ ବସ୍ତୁତଃ ସମସ୍ତ ପ୍ରକାରର ଜଙ୍ଗଲର ଅସଲ ମାଲିକ ହେଉଛି ଗ୍ରାମସଭା । ସୁତରାଂ କେବଳ ଗ୍ରାମସଭା ଚାହିଁବା ମତେ ଜଙ୍ଗଲ ଜମିକୁ ଅନ୍ୟ କୌଣସି ଅଣଜଙ୍ଗଲ ଉଦ୍ଦେଶ୍ୟରେ ବିନିଯୋଗ କରାଯାଇପାରେ । ଶ୍ରୀ ଚୌହାନ୍ ପୁଣି ଦର୍ଶାଇଥିଲେ ଯେ, ଏହି ଆଇନ୍ ଅନୁଯାୟୀ ଜଙ୍ଗଲ ଅଂଚଳରେ ଥିବା ସମସ୍ତ ସମୂହ ସମ୍ପତ୍ତି ଯଥା ଜଳାଶୟ, ଚାରଣ ଭୂମି, ଶ୍ମଶାନ ଓ ଖେଳପଡିଆ ଇତ୍ୟାଦି ଗ୍ରାମବାସୀ ମାନଙ୍କର ମାଲିକାନାରେ ପରିଚାଳିତ ହେବା ବିଧେୟ । କିନ୍ତୁ ଲୋକମାନଙ୍କର ଅଜ୍ଞତା ବଶତଃ ତଥା ପ୍ରଶାସନର ଇଚ୍ଛାକୃତ ଉଦାସୀନତା ଯୋଗୁଁ ଉକ୍ତ ଆଇନ୍ ଅନୁଯାୟୀ ଗ୍ରାମବାସୀମାନଙ୍କୁ ଜଙ୍ଗଲ ସମ୍ପତ୍ତିର ହସ୍ତାନ୍ତରଣ ଏବେ ସୁଦ୍ଧା ସମ୍ଭବ ହୋଇ ପାରିନାହିଁ । ବର୍ତ୍ତମାନ ପରିସ୍ଥିତିରେ ଜିନ୍ଦଲ୍ କମ୍ପାନୀ ଦ୍ୱାରା ଅଧିଗ୍ରହୀତ ହୋଇଥିବା ଜଙ୍ଗଲ ଜମି ଉପରେ ସଂପୃକ୍ତ ଗ୍ରାମବାସୀମାନେ ନିଜର ମାଲିକାନା ଓ ଦାବୀ ଜାହିର୍ କରିବା ପାଇଁ ଶ୍ରୀ ଚୌହାନ୍ ପରାମର୍ଶ ଦେଇଥିଲେ ।

**ଶ୍ରୀଯୁକ୍ତ ହୃଷିକେଶ ସାହୁ** – ସ୍ଥାନୀୟ ବାସିନ୍ଦା ଶ୍ରୀ ସାହୁ କହିଲେ ଯେ, ଜିନ୍ଦଲ୍ କମ୍ପାନୀର କେଳେଙ୍କାରୀ ବିରୁଦ୍ଧରେ ଆମେ ସବୁ ଡେରିରେ ଚେତିଛେ କିନ୍ତୁ ଆଉ ବିଳମ୍ବ କରିହେବ ନାହିଁ । ତାଳଚେର ବର୍ତ୍ତମାନ ଭାରତର ୭ମ ପ୍ରଦୂଷଣ-ବହୁଳ ସ୍ଥାନ । ଆଉ ଯଦି ଏଠାରେ ଶିଳ୍ପ ଓ ଖଣିର ପ୍ରସାର ହୁଏ ତେବେ ସମସ୍ତ ଅଂଚଳ ମରୁଭୂମି ଓ ଟାଙ୍ଗର ଭୂମିରେ ପରିଣତ ହୋଇଯିବ । ବର୍ତ୍ତମାନ ଯେତିକି ବି

ବାଦାମ, ମୁଗ, ହରଡ ଓ ଅନ୍ୟାନ୍ୟ ଅର୍ଥକାରୀ ଫସଲ ଉତ୍ପାଦିତ ହେଉଛି ତାହା ପୁରାପୁରି ଲୋପ ପାଇଯିବ । ଆମେ ମାନେ ରାଇଝରଣର ସ୍ତ୍ରୀ ଲୋକମାନଙ୍କୁ ଧନ୍ୟବାଦ ଦେବା ଉଚିତ୍, କାରଣ ସେମାନେ ଜିନ୍ଦଲ୍ କମ୍ପାନୀ ବିରୋଧରେ ଲଗାତାର ଗତ କେତେଦିନ ଧରି ରାସ୍ତାରୋକ୍ କରିଛନ୍ତି ଓ ଜିଲ୍ଲାପାଳ ସେମାନଙ୍କୁ ଲୁଚୁଛନ୍ତି । ଆମକୁ ମଧ୍ୟ ସେହି ରାସ୍ତା ଧରିବାକୁ ପଡିବ ।

**ଶ୍ରୀଯୁକ୍ତ ଅଭି ନାୟକ** – ସ୍ଥାନୀୟ ବାସିନ୍ଦା ଭାବେ ଶ୍ରୀ ନାୟକ ବର୍ତ୍ତମାନର ଜାମୁଣ୍ଡା ବଂଚାଅ ଆନ୍ଦୋଳନକୁ ନିଜ ନିଜ ଗ୍ରାମସ୍ତରରେ ଶକ୍ତିଶାଳୀ କରିବାପାଇଁ ଉପସ୍ଥିତ ଗ୍ରାମବାସୀ ମାନଙ୍କୁ ଆହ୍ୱାନ ଦେଇଥିଲେ ।

**ଶ୍ରୀଯୁକ୍ତ ଭଗବାନ ସାହୁ** – ସ୍ଥାନୀୟ ବାସୀନ୍ଦା ଶ୍ରୀ ସାହୁ ପୂର୍ବୋକ୍ତ ବକ୍ତାଭଳି କହିଥିଲେ ଯେ, ଯେ ପର୍ଯ୍ୟନ୍ତ ଜିନ୍ଦଲ କମ୍ପାନୀ ଆମର ନ୍ୟାଯ୍ୟ ଦାବୀଗୁଡିକୁ ତଥା ନିଜର ପ୍ରତିଶୃତିକୁ ପାଳନ ନକରିଛି ସେ ପର୍ଯ୍ୟନ୍ତ ଆମର ଏହି ଆନ୍ଦୋଳନ ଚାଲୁ ରହିବ ।

**ଶ୍ରୀଯୁକ୍ତ ରଣଜିତ୍ ପଟ୍ଟନାୟକ** - ଅନୁଗୁଳ ଜିଲ୍ଲାର ବିଶିଷ୍ଟ ନାଗରିକ ସମାଜ ନତେ। ଶ୍ରୀଯୁକ୍ତ ପଟ୍ଟନାୟକ କହିଲେ ଯେ, ଏହି ଜିଲ୍ଲାରେ ଏ ପର୍ଯ୍ୟନ୍ତ ମୋଟ ୨ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଖଣି ଓ ଶିଳ୍ପ ପ୍ରସାର ଯୋଗୁଁ ବିସ୍ଥାପିତ ହୋଇସାରିଛନ୍ତି କିନ୍ତୁ ସେମାନେ ବର୍ତ୍ତମାନ କେଉଁଠି ଓ କିପରି ଅବସ୍ଥାରେ ଅଛନ୍ତି ତହିଁର ସଠିକ୍ ତଥ୍ୟ କାହା ପାଖରେ ନାହିଁ । ଯେଉଁ ସରକାର ଜମି ଅଧିଗ୍ରହଣ କରୁଛନ୍ତି ସେହି ସରକାରଙ୍କର ବିଭିନ୍ନ ବଡବଡ ପଦାଧିକାରୀ କ୍ଷତିପୁରଣ, ଥଇଥାନ ଓ ପରିପାର୍ଶ୍ୱ ଉନ୍ନୟନ ଭଳି ଗୁରୁତ୍ୱପୂର୍ଣ ଦାୟୀତ୍ୱ ଗୁଡିକରେ ଅବସ୍ଥାପିତ ଅଛନ୍ତି । କିନ୍ତୁ ସେମାନେ କର୍ପୋରେଟ୍ ସଂସ୍ଥାମାନଙ୍କର ସ୍ୱାର୍ଥ ଓ ସୁବିଧାକୁ ଯେମିତି ଯତ୍ନ ସହକାରେ ଦେଖୁଛନ୍ତି କ୍ଷତିଗ୍ରସ୍ତ ଲୋକମାନଙ୍କର ସ୍ୱାର୍ଥ ଓ ପରିବେଶ ସୁରକ୍ଷାର ଆବଶ୍ୟକତା ପ୍ରତି ଧ୍ୟାନ ଦେଉନାହାନ୍ତି । ସୁତରାଂ ବର୍ତ୍ତମାନ ଲୋକମାନେ ସେମାାନଙ୍କର ଜଳ, ଜମି ଓ ଜଙ୍ଗଲ ଉପରେ ଅଧିକାରକୁ ସାବ୍ୟସ୍ତ କରିବାପାଇଁ ନିଜେ ଅଣ୍ଟା ଭିଡି ବାହାରିବା ଉଚିତ୍ । ଶ୍ରୀ ପଟ୍ଟନାୟକ ଏହି ଜାମୁଣ୍ଡା ଜଙ୍ଗଲ ସୁରକ୍ଷା ଆନ୍ଦୋଳନକୁ ନିଜର ସଂପୂର୍ଣ ସମର୍ଥନ ଓ ସହଯୋଗ ପ୍ରଦାନ କରିବାପାଇଁ ପ୍ରତିଶୃତି ଦେବା ସହିତ ଏହାର ଉତ୍ତରୋତ୍ତର ଅଗ୍ରଗତି କାମନା କରିଥିଲେ ।

ଜିନ୍ଦଲ୍ କ୍ଷତିଗ୍ରସ୍ତ ପ୍ରଜାସଂଘର ଆବାହକ ତଥା ଜନସଭାର ଅଧ୍ୟକ୍ଷ ଆଡ୍‌ଭୋକେଟ **ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ପଟ୍ଟନାୟକ** ପରିଶେଷରେ ତାଙ୍କର ସଂକ୍ଷିପ୍ତ ଅଥଚ ସାରଗର୍ଭକ ଅଭିଭାଷଣରେ କହିଥିଲେ ଯେ, ଆଜିକାର ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ ହେବାକୁ ଥିବା ବ୍ୟାପକ ଜନଆନ୍ଦୋଳନର ଅୟମାରମ୍ଭ ମାତ୍ର । ଏହି ସଭା ବର୍ତ୍ତମାନ ମୁଖ୍ୟତଃ ତିନୋଟି ଦାବୀ କରୁଛି –

୧. ଅଧିଗୃହୀତ ଜମି ବାବଦକୁ ପ୍ରତି ଏକର ପିଛା ୨୫ ଲକ୍ଷ ଟଙ୍କାର କ୍ଷତି ପୂରଣ ପ୍ରଦାନ ।
୨. କ୍ଷତିଗ୍ରସ୍ତ ପରିବାରର ଅନ୍ତତଃ ଜଣେ ସାବାଳକ ବ୍ୟକ୍ତିକୁ ଉପଯୁକ୍ତ ନିଯୁକ୍ତି ପ୍ରଦାନ ।
୩. ଜାମୁଣ୍ଡା ଜଙ୍ଗଲ ଭଳି ସମସ୍ତ କୋଠସମ୍ପତ୍ତିକୁ କମ୍ପାନୀ ନିୟନ୍ତ୍ରଣରୁ ମୁକ୍ତ ରଖିବା ।

ଏହା ଛଡା ଜମିଅଧିଗ୍ରହଣ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ବିଭିନ୍ନ ଶ୍ରେଣୀର ଲୋକମାନଙ୍କର ଅନ୍ୟାନ୍ୟ ସ୍ୱାର୍ଥ ଓ ସୁବିଧା ପ୍ରତି ମଧ୍ୟ ଏହି ଆନ୍ଦୋଳନ ଯଥାର୍ଥ ଧ୍ୟାନ ଦେବ । ଯେ ପର୍ଯ୍ୟନ୍ତ କମ୍ପନୀ ତାର ସମସ୍ତ ପ୍ରତିଶୃତି ତଥା ଲୋକମାନଙ୍କର ନ୍ୟାଯ୍ୟ ଦାବୀକୁ ପୂରଣ ନ କରିଛି ସେ ପର୍ଯନ୍ତ ଏହି ଆନ୍ଦୋଳନ ଚାଲୁରହିବ ବୋଲି ସଂକଳ୍ପ ଦୋହରାଇବା ପରେ ଶ୍ରୀ ପଟ୍ଟନାୟକ ସଭାକାର୍ଯ୍ୟର ସମାପ୍ତି ଘୋଷଣା କରିଥିଲେ ।

ପରିଶେଷରେ **ଆଡଭୋକେଟ ଶ୍ରୀ ପ୍ରଦୀପ ପଣ୍ଡା** ଉପସ୍ଥିତ ଅତିଥିଗଣ, ବକ୍ତାଗଣ, ଗଣମାଧ୍ୟମର ପ୍ରତିନିଧିଗଣ ତଥା ଗ୍ରାମବାସୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ସଭାକାର୍ଯ୍ୟ ସମାପ୍ତ ହୋଇଥିଲା ।